ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ

ବନାମ

ଏ. କେ. ସକ୍ସେନା

ନଭେମ୍ବର 7, 2003

[ଏସ୍. ଏନ୍. ଭାରିୟାଭା ଏବଂ ଡ. ଆର୍. ଲକ୍ଷ୍ମଣନ, ନ୍ୟାୟମୂର୍ତ୍ତିଦ୍ୱୟ ]

*ଅଧିବକ୍ତା-ପାଉଣା ପାଇଁ ଦାବି କରିବା-ମହକିଲଙ୍କ କାଗଜପତ୍ର ଅଟକାଇ ରଖିବା-ପକ୍ଷଙ୍କ ଓକିଲ ଭାବରେ ଅବ୍ୟାହତି ହେବା ପାଇଁ ନ୍ୟାୟାଳୟଙ୍କର ଅନୁମତି ମାଗିଥିବା ଅଧିବକ୍ତା-ଦର୍ଶାଇଛନ୍ତି ଯେ ସେ ତାଙ୍କ ପାଉଣା ପ୍ରାପ୍ତ କରିବା ପରେ ଗ୍ରାହକଙ୍କ କାଗଜପତ୍ର ଫେରସ୍ତ କରିବେ-ଉଚ୍ଚ ନ୍ୟାୟାଳୟ ଅବ୍ୟାହତି ପାଇଁ ଅନୁମତି ମଞ୍ଜୁର କରିଛନ୍ତି ଏବଂ ଅଧିବକ୍ତାଙ୍କର ସମ୍ପୂର୍ଣ୍ଣ ପାଉଣା ପଇଠ କରିବା ପାଇଁ ପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି-ନିର୍ଣ୍ଣିତ ଯେ ଉଚ୍ଚ ନ୍ୟାୟାଳୟ ପରି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ତଥ୍ୟର ଏକ ବିବାଦୀୟ ପ୍ରଶ୍ନ ଉପରେ ବିଚାର କରିପାରିବେ ନାହିଁ- ଉଚ୍ଚ ନ୍ୟାୟାଳୟ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହା ମଧ୍ୟ ଦେବା ଉଚିତ୍ ନଥିଲା କାରଣ ଯେତେବେଳେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ, ସେତେବେଳେ ଓକିଲଙ୍କ ପାଉଣା ଦାବି ସମ୍ପର୍କିତ ଏକ ଆଜ୍ଞାଦେଶ ଆବେଦନ ତାଙ୍କ ସମ୍ମୁଖରେ ବିଚାରାଧୀନ ଥିଲା-ଓକିଲଙ୍କ ପକ୍ଷେ ତାଙ୍କ ପାଉଣା ଆଦାୟ ପାଇଁ ଉପଯୁକ୍ତ କାର୍ଯ୍ୟପନ୍ଥା ଆପଣେଇବା ଉନ୍ମୁକ୍ତ ରହିବ- ଅଧିବକ୍ତା- ମହକିଲଙ୍କ କାଗଜପତ୍ର ଉପରେ ଧାରଣାଧିକାର ।*

ଆର୍. ଡି. ସକ୍ସେନା ବନାମ ବଳରାମ ପ୍ରସାଦ ଶର୍ମା [2000] 7 SCC 264,ମାମଲା ଉପରେ ନିର୍ଭର କରିଥିଲେ ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 8957/2003 ।

F.A ଆଦେଶ ସଂଖ୍ୟା 24/1999 ରୁ C.M ସଂଖ୍ୟା 97056/2001 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 3.4.2002 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଡ. ଏ. ଏମ୍. ସିଂଘଭି, ଜେ. ଆର୍. ମେଧା ଏବଂ ପ୍ରଣବ କୁମାର ମଲ୍ଲିକ ।

ଉତ୍ତରଦାତାଙ୍କ ପାଇଁ ପ୍ରମୋଦ ସ୍ୱରୂପ, ସୁଶ୍ରୀ ପରୀଣା ସ୍ୱରୂପ ଏବଂ ପ୍ରବୀଣ ସ୍ୱରୂପ ।

ନ୍ୟାୟାଳଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

2002 ମସିହା ଏପ୍ରିଲ 3 ତାରିଖରେ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ବିରୋଧରେ ଏହି ଆବେଦନ କରାଯାଇଛି । ତଥ୍ୟ ସଂକ୍ଷେପରେ କହିବାକୁ ଗଲେ, ଉତ୍ତରଦାତା ଆବେଦନକାରୀ ମାନଙ୍କ ତାଲିକାର ଜଣେ ଓକିଲ ଥିଲେ । ଯେହେତୁ ତାଙ୍କୁ ଅନେକ ବିଷୟ ନ୍ୟସ୍ତ କରାଯାଉଥିଲା, ଏହା ପ୍ରତୀୟମାନ ଯେ ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ କିଛି ବିବାଦ ସୃଷ୍ଟି ହୋଇଥିଲା, ଯାହାର ଫଳସ୍ୱରୂପ ଉତ୍ତରଦାତାଙ୍କୁ ସମସ୍ତ କାଗଜପତ୍ର ଫେରାଇବାକୁ କୁହାଯାଇଥିଲା । ଉତ୍ତରଦାତା ତାଙ୍କର ସମସ୍ତ ଦେୟ ପ୍ରଦାନ ବଦଳରେ, କାଗଜପତ୍ର ଫେରସ୍ତ କରିବାକୁ ପ୍ରସ୍ତୁତ ଥିଲେ ।

ଏହା ପ୍ରତୀୟମାନ ଯେ ଯେତେବେଳେ ଆଦେଶ ସଂଖ୍ୟା 24/1999ରୁ କରାଯାଇଥିବା ଆବେଦନ ଉଚ୍ଚ ନ୍ୟାୟାଳୟ ନିକଟରେ ଥିଲା, ସେତେବେଳେ ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରି କହିଥିଲେ ଯେ ତାଙ୍କୁ ନଥିଗୁଡ଼ିକୁ ଫେରସ୍ତ କରିବାକୁ କୁହାଯାଇଛି ଏବଂ ତେଣୁ ସେ ତାଙ୍କର ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରାଯିବାକୁ ଅନୁରୋଧ କରିଥିଲେ । ଏହିପରି ଆବେଦନ ପରେ, ଉଚ୍ଚ ନ୍ୟାୟାଳୟ ପୂର୍ବ ରାୟ ଉପରେ ନିର୍ଭର କରି ନିମ୍ନଲିଖିତ ଆଦେଶ ପାରିତ କରିଥିଲେ:

" ଏହି ନ୍ୟାୟାଳୟର ଉପରୋକ୍ତ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ଶ୍ରୀ ଏ. କେ. ସକ୍ସେନାଙ୍କ ଆବେଦନକୁ ଅନୁମତି ଦିଆଯାଇଛି ଏବଂ ତାଙ୍କୁ ଆବେଦନକାରୀଙ୍କ ଓକିଲ ଭାବରେ ନିୟୋଜିତ ହେବା ପାଇଁ ଅନୁମତି ଦିଆଯାଇଛି । ତେବେ, ଆବେଦନକାରୀ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ ତାଙ୍କର ସମ୍ପୂର୍ଣ୍ଣ ଦେୟ ପଇଠ କରିବେ । ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରିବା ପରେ, ସେ ତୁରନ୍ତ ଆବେଦନକାରୀ କମ୍ପାନୀ ଦ୍ୱାରା ଚିଠି, ସଂଲଗ୍ନ 2 ରେ ଆବଶ୍ୟକ ଅନୁଯାୟୀ ନଥିଗୁଡ଼ିକୁ ଫେରସ୍ତ କରିବେ ।

ଏହି ଆବେଦନ ଦାଖଲ ହେବା ପରେ, ଅକ୍ଟୋବର 9, 2003 ରେ ଏକ ଆଦେଶ ଦ୍ୱାରା, ଏହି ନ୍ୟାୟାଳୟ ସମସ୍ତ ନଥି ଫେରସ୍ତ କରିବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆମକୁ

ସୂଚନା ଦିଆଯାଇଛି ଯେ ସମସ୍ତ ନଥିଗୁଡିକୁ ଫେରସ୍ତ କରାଯାଇଛି । ଉତ୍ତରଦାତାଙ୍କ ପାଇଁ ବିଦ୍ୱାନ ଓକିଲ ଜୋର ଦେଇ କହିଛନ୍ତି ଯେ ସମସ୍ତ ବିଷୟ ଗୁଡିକ ପାଇଁ ତାଙ୍କୁ ସମ୍ପୂର୍ଣ୍ଣ ଦେୟ ଦେବାକୁ ପଡିବ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଦର୍ଶାଇଛନ୍ତି ଯେ ଉତ୍ତରଦାତାଙ୍କୁ କୌଣସି ପ୍ରାପ୍ୟ ଦେବାକୁ ପଡ଼ିବ ନାହିଁ । ଆମ ମତରେ, ଉଚ୍ଚ ନ୍ୟାୟାଳୟ ପରି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ତଥ୍ୟର ଏକ ବିବାଦୀୟ ପ୍ରଶ୍ନ ଉପରେ ବିଚାର କରିପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟ ଯେଉଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ତାହା ପ୍ରଦାନ କରିବା ଉଚିତ ନଥିଲା, କାରଣ ଯେତେବେଳେ ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶ ପାରିତ କରିଥିଲେ, ସେତେବେଳେ ଏହା ନିକଟରେ ଆଜ୍ଞାଦେଶ ଆବେଦନ ସଂଖ୍ୟା 27380/2001 ବିଚାରାଧୀନ ଥିଲା । ଏହି ଆଜ୍ଞାଦେଶ ଆବେଦନରେ ଉତ୍ତରଦାତା ତାଙ୍କ ପାଉଣା ପ୍ରଦାନ କରିବାକୁ ଆବେଦନ କରିଥିଲେ ।

ଏହି ମାମଲା ଆର୍. ଡି. ସକ୍ସେନା ବନାମ ବଳରାମ ପ୍ରସାଦ ଶର୍ମା ମାମଲାରେ ଏହି ନ୍ୟାୟାଳୟଙ୍କର ଏକ *ନିର୍ଣ୍ଣୟ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଆଚ୍ଛାଦିତ ଅଟେ,* ଯାହା [2000] 7 SCC 264ରେ ରିପୋର୍ଟ କରାଯାଇଥିଲା, ଯେଉଁଥିରେ ଏହି ନ୍ୟାୟାଳୟ ରାୟ ପ୍ରଦାନ କରିଥିଲେ ଯେ ଅଧିବକ୍ତାମାନଙ୍କର ସେମାନଙ୍କ ମହକିଲଙ୍କ କାଗଜପତ୍ର ଉପରେ କୌଣସି ଧାରଣାଧିକାର ରହିବ ନାହିଁ । ଏହା ନିର୍ଣ୍ଣିତ ଯେ ଅତିବେଶିରେ ଅଧିବକ୍ତା ଅଣଦେୟ ପାରିଶ୍ରମିକ ପାଇଁ ଆଇନଗତ ପ୍ରତିକାର ଅବଲମ୍ବନ କରିପାରନ୍ତି । ଏହା ନିର୍ଣ୍ଣୟ କରାଯାଇଥିଲା ଯେ ମକଦ୍ଦମାକାରୀଙ୍କୁ ତାଙ୍କୁ ନଥିଗୁଡ଼ିକୁ ଫେରାଇ ଦେବାର ଅଧିକାର, ଅଧିବକ୍ତାଙ୍କ ବୃତ୍ତିଗତ କର୍ତ୍ତବ୍ୟର ଅଦ୍ୟସଦୃଶ ଅଟେ ଏବଂ ପାଉଣା ସମ୍ବନ୍ଧୀୟ ବିବାଦ ନ୍ୟାୟାଳୟରେ ଏକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ନିର୍ଣ୍ଣିତ ହେବ ।

ଉତ୍ତରଦାତାଙ୍କ ଦେୟ ଦେବାକୁ ହେବ କି ନାହିଁ ସେ ବିଷୟର ପ୍ରଶ୍ନ ଭିତରକୁ ଆମେ ଯାଉ ନାହୁଁ । ଉତ୍ତରଦାତା ପାଇଁ ତାଙ୍କ ଦେୟ ଆଦାୟ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାଖଲ କରିବା ପାଇଁ ଏହା ଉନ୍ମୁକ୍ତ ରହିବ । ଏହି ଆକ୍ଷେପିତ ଆଦେଶ କାରଣରୁ, ସେ ତାଙ୍କ ପୂର୍ବ ଆଜ୍ଞାଦେଶ ଆବେଦନ ପ୍ରତ୍ୟାହାର କରିନେବା ବିଷୟଟି, ତାଙ୍କୁ ଅନ୍ୟ କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାଖଲ କରିବାରେ ବାଧା ସୃଷ୍ଟି କରିବ ନାହିଁ ।ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ବିବାଦୀୟ ଆକ୍ଷେପିତ ଆଦେଶକୁ ବାତିଲ କରାଯାଇଛି । ଆବେଦନକୁ ଅନୁମତି ଦିଆଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ପ୍ରଦାନ କରାଯାଇନାହିଁ ।

R.P. ଆବେଦନକୁ ଅନୁମତି ପ୍ରଦାନ କରାଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :<br>
ମଦନ ମୋହନ ଭୂୟାଁ<br>
ଅନୁବାଦକ<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।